ଧରିତ୍ରୀ
DHARITRI
ମଙ୍ଗଳବାର, ୧ ନଭେମ୍ବର ୨୦୨୨



## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୩ ଗିରଫ



ବଇଣ୍ଡା,୩୧।୧୦(ଡି.ଏନ୍.ଏ.) ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ରବିବାର କିଶୋରନଗର ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ୧୦୫ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଚୋରା ମଦ କାରବାରରେ ସମ୍ପୃକ୍ତି ଅଭିଯୋଗରେ ୩ ଜଣ ଗିରଫ ହୋଇଛନ୍ତି। ଗଡ଼ବାହାଲ ଗ୍ରାମର ଲମ୍ବୋଦର ସାହୁଙ୍କ ଘରୁ ୩୫ ଲିଟର, ଦାଦରପାଲିର ରେଙ୍ଗୁଟୁ ନାୟକଙ୍କ ଘରୁ ୫୦ ଲିଟର, ଝାମ୍ପଲି ଗ୍ରାମର ରଞ୍ଜିତ ପ୍ରଧାନଙ୍କ ଘରୁ ୨୦ ଲିଟର ମଦ ଜବତ କରାଯାଇଥିଲା। ବଇଣ୍ଡା ଅବକାରୀ ଅଧିକାରୀ ବଲବୀର ଗଡ଼ନାୟକଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

### ସ୍କୁଲ କମିଟି ସଭାପତିଙ୍କ ସ୍ମୃତିସଭା

ଢେଙ୍କାନାଳ ଅଫିସ, ୩୧।୧୦: ଢେଙ୍କାନାଳ ୨ନଂ. ୱାର୍ଡସ୍ଥିତ ଡ. ଦାଶରଥି ମିଶ୍ର ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଶ୍ୱେଶ୍ୱର ମିଶ୍ରଙ୍କ ପରଲୋକରେ ସୋମବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ମିଶ୍ରଙ୍କ ତତ୍ତ୍ୱାବଧାନରେ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଏବଂ ଗରିବ ଶ୍ରେଣୀର ପିଲାଙ୍କୁ ଶିକ୍ଷାର ଆଲୋକ ପ୍ରଦାନ କରିବାରେ ତାଙ୍କ ଭୂମିକା ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ସୂଚନା ଦେଇଥିଲେ।

### ପୁଣି ବିଦ୍ୟାଳୟ ଖୋଲିବା ଦାବି

ଢେଙ୍କାନାଳ ଅଫିସ, ୩୧।୧୦: ଢେଙ୍କାନାଳ ସଦର ବ୍ଲକ ବେଲଟିକିରି ପଞ୍ଚାୟତ ବନ୍ଧନୂଆଗାଁ ପ୍ରାଥମିକ ବିଦ୍ୟାଳୟକୁ ପୁନର୍ବାର ଖୋଲିବା ଦାବିରେ ଗ୍ରାମବାସୀ ସୋମବାର ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଉପସ୍ଥାନ କମ୍ ଦର୍ଶାଇ ଉକ୍ତ ବିଦ୍ୟାଳୟ ବନ୍ଦ କରିଦିଆଯାଇଛି। ପିଲାମାନେ ନିକଟ ଗ୍ରାମ ବିଦ୍ୟାଳୟକୁ ଯାଇ ପାଠ ପଢ଼ିବାକୁ ଆଗ୍ରହୀ ହେଉନାହାନ୍ତି। ଗ୍ରାମର ବହୁ ଦଳିତ ଓ ପଛୁଆ ବର୍ଗର ପିଲା ପାଠ ପଢ଼ିବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେଣୁ ବନ୍ଧନୂଆଗାଁ ସ୍କୁଲକୁ ତୁରନ୍ତ ଖୋଲିବାକୁ ୱାର୍ଡମେମ୍ବର ସଞ୍ଜୁ ନାଏକ, ସଭାପତି ସାବିତ୍ରୀ ବେହେରାଙ୍କ ସମେତ ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

# ଯୋଡ଼ିହେଲା ୮ ପିଜି ପାଠ୍ୟକ୍ରମ

- ■ଢେଙ୍କାନାଳ କଲେଜ ପାଇଁ ଖୁସି ଖବର
- ■ଯୁକ୍ତ ୩ରେ ଅଧିକ ୪ ସମ୍ମାନ ବିଭାଗ
- ■ଚଳିତ ଶିକ୍ଷାବର୍ଷରୁ ପାଠପଢ଼ା ଆରମ୍ଭ

ଢେଙ୍କାନାଳ ଅଫିସ, ୩୧।୧୦



ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ।

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ୮ ନୂଆ ବିଭାଗରେ ସ୍ନାତକୋତ୍ତର (ପିଜି) ପାଠ୍ୟକ୍ରମ ଖୋଲିବ। ଉଚ୍ଚଶିକ୍ଷା ବିଭାଗ ଚିଠି ସଂଖ୍ୟା ୪୫୨୭୪/ତା୨୯।୧୦।୨୨ରିଖରେ ରାଜ୍ୟ ସରକାର ଏଥିଲାଗି ଅନୁମତି ପ୍ରଦାନ କରିଥିବା ଅଧକ୍ଷ ପ୍ରଫେସର ରଞ୍ଜିତ ପ୍ରଧାନ ସୋମବାର ସୂଚନା ଦେଇଛନ୍ତି। ଓଡ଼ିଆ, ଇଂଲିଶ, ଅର୍ଥନୀତି, ରସାୟନ ଶାସ୍ତ୍ର, ପଦାର୍ଥ ବିଜ୍ଞାନ, ଗଣିତ, ମନସ୍ତତ୍ତ୍ୱ, ଦର୍ଶନଶାସ୍ତ୍ର ବିଭାଗରେ ପିଜି ପାଠ୍ୟକ୍ରମ ଖୋଲିବ। ପ୍ରତି ବିଭାଗରେ ୧୬ଟି ଲେଖାଏ ସିଟ୍ ଉପଲବ୍ଧ ହେବ। ୨୦୨୨-୨୩ ଶିକ୍ଷାବର୍ଷରୁ ଏଥିରେ ନାମଲେଖା ଏବଂ ପାଠପଢ଼ା ଆରମ୍ଭ ହେବ ବୋଲି ନିର୍ଦ୍ଦେଶନାମା ରହିଛି। ଅନ୍ୟପଟେ ପୂର୍ବରୁ ବାଣିଜ୍ୟ ଓ ଇତିହାସ ବିଭାଗରେ ୩୨ ଲେଖାଏ ସିଟ୍ ରହିଥିବାବେଳେ ଉଦ୍ଭିଦ ବିଜ୍ଞାନ ପିଜି ପାଠ୍ୟକ୍ରମରେ ସିଟ୍ ସଂଖ୍ୟା ୧୬ରୁ ୩୨କୁ ବୃଦ୍ଧି କରାଯାଇଛି। ଅନୁରୂପ ଭାବେ ଯୁକ୍ତ ୩ ସମ୍ମାନରେ ୪ ନୂଆ ବିଷୟ ସାମିଲ ହୋଇଛି। ସେଗୁଡିକ ହେଲା ଶିକ୍ଷା, ସମାଜଶାସ୍ତ୍ର, ହିନ୍ଦୀ ଓ ବାୟୋ ଟେକ୍ନୋଲୋଜି। ଦର୍ଶନଶାସ୍ତ୍ର, ଇଂଲିଶ, ମନସ୍ତତ୍ତ୍ୱ, ପ୍ରାଣୀ ବିଜ୍ଞାନ, ଗଣିତ ସ୍ନାତକରେ ସିଟ୍ ସଂଖ୍ୟା ୩୨କୁ ବୃଦ୍ଧି ପାଇଛି। ଏଭଳି ବହୁ ପ୍ରତୀକ୍ଷିତ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇଥିବାରୁ ଏହାକୁ ନେଇ ଅଧ୍ୟାପିକା, ଅଧ୍ୟାପକ, ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି।

ସୂଚନାଯୋଗ୍ୟ, ୧୯୫୯ରେ ଢେଙ୍କାନାଳ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ୧୯୮୧ରେ କଲେଜରେ ପ୍ରଥମେ ଇତିହାସ ପିଜି ବିଭାଗ ଖୋଲିଥିଲା। ୧୯୮୩ରେ ବାଣିଜ୍ୟ ଏବଂ ୧୯୯୫ରେ ଉଦ୍ଭିଦ ବିଜ୍ଞାନ ଏଥିରେ ଯୋଡ଼ି ହୋଇଥିଲା। ୨୦୦୨ରେ ଢେଙ୍କାନାଳ କଲେଜ ସ୍ୱୟଂଶାସିତ ମହାବିଦ୍ୟାଳୟର ମାନ୍ୟତା ପାଇଥିଲା। ଇତିମଧ୍ୟରେ ଦୀର୍ଘ ୨୭ ବର୍ଷ ବିତିଯାଇଥିଲେ ହେଁ ଅନ୍ୟ କୌଣସି ବିଭାଗରେ ସ୍ନାତକୋତ୍ତର ସୁବିଧା ନ ଥିଲା। ଅଧିକ ପିଜି ବିଭାଗ ଖୋଲିବା ପାଇଁ ଆଲୁମ୍ନି ଆସୋସିଏଶନଠାରୁ ଆରମ୍ଭ କରି ବିଭିନ୍ନ ସଙ୍ଗଠନ, ଛାତ୍ର ସଂସଦ ପକ୍ଷରୁ ରାଜ୍ୟ ସରକାରଙ୍କ ପାଖରେ ଦାବି ହୋଇ ଆସୁଥିଲା। ଏକ ସାଙ୍ଗରେ ୮ ସ୍ନାତକୋତ୍ତର ବିଭାଗ ଖୋଲିବା ଲାଗି ନିର୍ଦ୍ଦେଶନାମା ଆସିବା ପରେ ଏହାକୁ ସବୁ ମହଲରେ ସ୍ୱାଗତ କରାଯାଇଛି।



### ଉଚ୍ଚଶିକ୍ଷା ବିଭାଗ ନିକଟରେ କୃତଜ୍ଞ

ବହୁଥର ଦାବି ପରେ ଥରକେ ୮ ପିଜି ପାଠ୍ୟକ୍ରମ ଖୋଲିବା ଖୁସିର ବିଷୟ। ଏଥିଲାଗି ରାଜ୍ୟ ସରକାର ଏବଂ ଉଚ୍ଚ ଶିକ୍ଷା ବିଭାଗ ନିକଟରେ କୃତଜ୍ଞ। ତେବେ ଖାଲି ପଡ଼ିଥିବା ଅଧ୍ୟାପିକା, ଅଧ୍ୟାପକ ପଦବୀ ପୂରଣ କରିବାର ମଧ୍ୟ ଆବଶ୍ୟକତା ରହିଛି।

-ସୁକାନ୍ତ ମିଶ୍ର, ଆଲମ୍ନି ଆସୋସିଏଶନ ଉପସଭାପତି



### ଜିଲାର ଛାତ୍ରୀଛାତ୍ର ଉପକୃତ ହେବେ

ସ୍ଥାୟୀ ଅଧ୍ୟାପିକା ଅଧ୍ୟାପକ ନିଯୁକ୍ତି ପାଇଁ ସମୟ ଲାଗିବ। ତେବେ ଉପଲବ୍ଧ ଥିବା ଅଧ୍ୟାପିକା ଅଧ୍ୟାପକଙ୍କୁ ନେଇ ପାଠପଢ଼ା ଆରମ୍ଭ ହେବ। ଆବଶ୍ୟକ ବିଷୟରେ ପିଜି ଉପଲବ୍ଧ ନ ଥିବାରୁ ଜିଲାର ଛାତ୍ରୀଛାତ୍ରଙ୍କୁ ବାହାରକୁ ଯିବାକୁ ପଡୁଥିଲା। ଏବେ ସେମାନେ ଉପକୃତ ହୋଇପାରିବେ।

-ପ୍ରଫେସର ରଞ୍ଜିତ କୁମାର ପ୍ରଧାନ, କଲେଜ ଅଧକ୍ଷ

## ୫୦% ଅଧ୍ୟାପକ ପଦବୀ ଖାଲି

ଢେଙ୍କାନାଳ କଲେଜରେ ୮ ନୂଆ ବିଭାଗରେ ସ୍ନାତକୋତ୍ତର (ପିଜି) ପାଠ୍ୟକ୍ରମ ଖୋଲିବା ନିଷ୍ପତ୍ତିକୁ ସବୁ ମହଲରେ ସ୍ୱାଗତ କରାଯାଉଛି। ହେଲେ ଶିକ୍ଷାନୁଷ୍ଠାନର ସ୍ନାତକ ଏବଂ ସ୍ନାତକୋତ୍ତର ବିଭାଗରେ ୨୦୦୦ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ଲାଗି ଅଧ୍ୟାପକଙ୍କ ମରୁଡ଼ି ଦେଖାଦେଇଛି। କଲେଜରେ ୬୦ ଅଧ୍ୟାପିକା ଅଧ୍ୟାପକ ମଞ୍ଜୁର ପଦବୀ ମଧ୍ୟରୁ ୫୦% ଖାଲି ପଡ଼ିଛି। ମାତ୍ର ୩୦ ଜଣରେ ଶିକ୍ଷାଦାନ ଚାଲିଛି। ଏହି ସମସ୍ୟାର ସମାଧାନ ଲାଗି ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଆଲୁମ୍ନି ଆସୋସିଏଶନ ସଭାପତି ଅଭୟ ପଣ୍ଡା, ସମ୍ପାଦକ ବିଶ୍ୱନାଥ ବେହେରା, ସଦସ୍ୟ ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ, ସୁନୀଲ ଦାଶ, ସମିତ ସାହୁ, ବିନୋଦ ଅଗ୍ରୱାଲ, ଲଲାଟ ରଞ୍ଜନ, ଅଶୋକ ଶରଣ ପ୍ରମୁଖ ଦାବି କରିଛନ୍ତି।

## ମହାବିଦ୍ୟାଳୟର ସ୍ଥାୟୀ ପଟ୍ଟା ନାହିଁ

୩୪ ଏକର ଜମିରେ ଗଢ଼ି ଉଠିଥିବା ଢେଙ୍କାନାଳ କଲେଜର ସ୍ଥାୟୀ ପଟ୍ଟା ନାହିଁ। କଲେଜ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଆଲୁମ୍ନି ଆସୋସିଏଶନର କର୍ମକର୍ତ୍ତା ଏ ନେଇ ରାଜ୍ୟ ସରକାର, ଜିଲା ପ୍ରଶାସନ ନିକଟରେ ଦାବି କରିଥିଲେ ମଧ୍ୟ ଅଦ୍ୟାବଧି ଏହାର ସମାଧାନ ହୋଇପାରିନାହିଁ। ହଜାର ହଜାର ମେଧାବୀ ଛାତ୍ରୀଛାତ୍ରଙ୍କୁ ତିଆରି କରିଥିବା ଏହି ଶିକ୍ଷାନୁଷ୍ଠାନର ଜମିପଟ୍ଟା ହୋଇ ନ ପାରିବା ପରିତାପର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ପ୍ରଶାସନ ପକ୍ଷରୁ ୨ମାସ ମଧ୍ୟରେ ପଟ୍ଟା ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଥିଲେ ମଧ୍ୟ ଅଦ୍ୟାବଧି ପଟ୍ଟା ମିଳିନାହିଁ ବୋଲି କଲେଜ ଅଧକ୍ଷ ପ୍ରଫେସର ରଞ୍ଜିତ୍ ପ୍ରଧାନ ସୂଚନା ଦେଇଛନ୍ତି।

# ନିଯୁକ୍ତି ମେଳା: ୧,୩୪୬ ଆଶାୟୀ ପଞ୍ଜୀକୃତ



ଜଣେ ଆଶାୟୀଙ୍କୁ ଅତିଥିମାନେ ନିଯୁକ୍ତି ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

- ■୩୪ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ସାମିଲ
- ■ନିଯୁକ୍ତି ପ୍ରକ୍ରିୟାରେ ମାନସିକତାରେ ପରିବର୍ତ୍ତନ ଜରୁରୀ: ଏମ୍‌ପି

ଢେଙ୍କାନାଳ ଅଫିସ, ୩୧।୧୦

ଢେଙ୍କାନାଳ ସହରସ୍ଥିତ ମହିଷାପାଟ ପଲ୍ଲିଶ୍ରୀ ମେଳା ପଡ଼ିଆରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସୋମବାର ଜିଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ସଦର, ହିନ୍ଦୋଳ, ଗଁନ୍ଦିଆ, ଓଡ଼ାପଡା ସମେତ ବିଭିନ୍ନ ବ୍ଲକରୁ ୧,୩୪୬ ଆଶାୟୀ ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ। ୩୪ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଯୋଗଦେଇଥିଲେ। ୫ମରୁ ସ୍ନାତକ ପାସ୍, ବିଟେକ୍, ଏମ୍‌ବିଏ ଛାତ୍ରୀଛାତ୍ରଙ୍କ ପାଇଁ ନିଯୁକ୍ତି ସୁଯୋଗ ରହିଥିଲା। କେତେଜଣ ତାଲିମଧାରୀ ପିଲାଙ୍କୁ ତତ୍କାଳ ନିଯୁକ୍ତି ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏମ୍‌ପି ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଜିଲାର ବେକାର ଯୁବତୀ ଯୁବକଙ୍କୁ ଯୋଗ୍ୟତା ଅନୁଯାୟୀ ଦକ୍ଷତା ବିକାଶ କରାଇ ନିଯୁକ୍ତି ଦେବା, ସେମାନେ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ଦିଗରେ କମ୍ପାନୀ କର୍ତ୍ତୃପକ୍ଷ, ଜନ ପ୍ରତିନିଧି, ପ୍ରଶାସନ ଏକାଠି ହୋଇ କାର୍ଯ୍ୟ କରିବା ଉଚିତ। ଆତ୍ମନିର୍ଭର ହେବା ଲାଗି ବ୍ୟାଙ୍କ ଋଣର ସୁଯୋଗ ସୃଷ୍ଟି କରିବା ଆବଶ୍ୟକ। ବ୍ୟାଙ୍କ କର୍ତ୍ତୃପକ୍ଷ ସକାରାତ୍ମକ ମନୋଭାବ ପ୍ରଦର୍ଶନ କରିବା ଜରୁରୀ। ନିଯୁକ୍ତି ପ୍ରକ୍ରିୟାରେ ସାମିଲ ହୋଇଥିବା କମ୍ପାନୀ ସେମାନଙ୍କ ମାନସିକତାରେ ପରିବର୍ତ୍ତନ ଆଣିବା ଜରୁରୀ। ସକାରାତ୍ମକ ମନୋଭାବ ନେଇ ନିଯୁକ୍ତି ପ୍ରଦାନ ନ କଲେ ଲୋକମାନେ ତାତିବେ। ଲୋକେ ତାତିଲେ ପରିସ୍ଥିତି ଜଟିଳ ହେବ ବୋଲି ଏମ୍‌ପି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଉପସଭାପତି ବିଳାସିନୀ ସେଠୀ ପ୍ରମୁଖ ଯୋଗଦେଇ ଯୁବତୀଯୁବକଙ୍କୁ ଆତ୍ମନିର୍ଭରଶୀଳ କରିବା ଲାଗି ସୁଯୋଗ ସୃଷ୍ଟି କରିବା ଉପରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ।

ମେଳାରେ ସଭାପତିତ୍ୱ କରି ଜିଲାପାଳ ସରୋଜ ସେଠୀ କହିଲେ, ଆସନ୍ତା ୧ ତାରିଖରେ ପରଜଙ୍ଗରେ ଅନ୍ୟ ଏକ ଜିଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହେବ। ସବୁ ବ୍ଲକର ବେକାର ଯୁବତୀଯୁବକ ଏଭଳି ମେଳାର ସୁଯୋଗ ନେବା ଉଚିତ ବୋଲି ସେ କହିଥିଲେ।

ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ତନ୍ମୟ କୁମାର ଦରୱାନ, ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ସରୋଜ କୁମାର ଦତ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ନିଯୋଜନ ଅଧିକାରୀ କେ. ରୋଜା ଦୋରା ପ୍ରାରମ୍ଭିକ ସୂଚନା ପ୍ରଦାନ କରି କହିଲେ, ଜିଲାର ବେକାର ଯୁବତୀଯୁବକଙ୍କୁ ତାଲିମ ପ୍ରଦାନ କରି ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ନିମନ୍ତେ ଦକ୍ଷତାବିକାଶ ପ୍ରାଧିକରଣ ପକ୍ଷରୁ ଦୁଇଟି କେନ୍ଦ୍ର ରହିଛି। ଶ୍ୟାମାଚରଣପୁର କେନ୍ଦ୍ରରେ ୧୧୧ ଏବଂ କଣ୍ଟାନାଳୀ ବାଇପାସ୍ କେନ୍ଦ୍ରରେ ୩୦ ଛାତ୍ରୀଛାତ୍ର ପ୍ରଶିକ୍ଷଣ ନେଇ ବିଭିନ୍ନ ସଂସ୍ଥାରେ ନିଯୁକ୍ତି ପାଇଛନ୍ତି। କାର୍ଯ୍ୟକ୍ରମକୁ ସଙ୍ଗୀତା ଦାସ, ସୁଶାନ୍ତ ପାଣି ସଂଯୋଜନା କରିଥିଲେ।

## ବିଦ୍ୟାଳୟ ସ୍ଥାନାନ୍ତରକୁ ବିରୋଧ

ଅନୁଗୋଳ ଅଫିସ, ୩୧।୧୦

ବିଦ୍ୟାଳୟ ସ୍ଥାନାନ୍ତରକୁ ବିରୋଧ କରି ବଣାବୀରା ଗ୍ରାମବାସୀ ସୋମବାର ଅନୁଗୋଳ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବଣାବୀରାରେ ଥିବା ଜାମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ୧୯୧୦ରେ ସ୍ଥାପିତ ହୋଇଥିଲା। ଏବେ ଏଠାରେ ୨୬ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସରକାର ଉକ୍ତ ବିଦ୍ୟାଳୟକୁ ସ୍ଥାନାନ୍ତର କରିଛନ୍ତି। ଏହି ବିଦ୍ୟାଳୟ ଅନ୍ୟତ୍ର ସ୍ଥାନାନ୍ତର ହେଲେ ଛାତ୍ରୀଛାତ୍ରମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେବେ। ତେଣୁ ଉକ୍ତ ବିଦ୍ୟାଳୟକୁ ସ୍ଥାନାନ୍ତର ନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ୫୭ ଅଭିଯୋଗର ସମାଧାନ

ଢେଙ୍କାନାଳ ଅଫିସ, ୩୧।୧୦

ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୭୧ଟି ଅଭିଯୋଗ ଗ୍ରହଣ କରାଯାଇଥିବାବେଳେ ୫୭ଟିର ତ୍ୱରିତ ସମାଧାନକରାଯାଇଛି। ୨ଜଣ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ଏବଂ ୮ଜଣ ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ପାଇଁ ଆବେଦନ କରିଥିଲେ। ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି. ଅଭିଯୋଗଗୁଡ଼ିକ ଶୁଣାଣି କରିଥିଲେ। ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ତନ୍ମୟ କୁମାର ଦରୱନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳଙ୍କ ସମେତ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।




ଶିବିରରେ ଜିଲାପାଳ, ଏସ୍‌ପିଙ୍କ ସମେତ ଅନ୍ୟମାନେ।

## ଦୁର୍ନୀତି ନିବାରଣ ପାଇଁ ଶପଥ

ଢେଙ୍କାନାଳ ଅଫିସ, ୩୧।୧୦

ଦୁର୍ନୀତିମୁକ୍ତ ଓ ସମୃଦ୍ଧ ଭାରତ ଗଠନ ଲକ୍ଷ୍ୟନେଇ ସମଗ୍ର ଦେଶରେ ଅକ୍ଟୋବର ୩୧ରୁ ନଭେମ୍ବର ୬ ଯାଏ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହେଉଛି। ଲୋକସେବା ଭବନରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ଏହାର ଶୁଭାରମ୍ଭ କରିବା ସହ ରାଜ୍ୟର ସମସ୍ତ ଅଧିକାରୀଙ୍କୁ ଦୁର୍ନୀତିରୁ ଦୂରେଇ ରହିବା ଲାଗି ଶପଥ ପାଠ କରାଇଛନ୍ତି। ଏହି ଅବସରରେ ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍ୱାନ ହଲ୍ ଏବଂ ସଦ୍‌ଭାବନା ଗୃହରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ସମେତ ବରିଷ୍ଠ ପଦାଧିକାରୀ, କର୍ମଚାରୀମାନେ ଶପଥ ନେଇଛନ୍ତି। ବିଭିନ୍ନ ଅଭିଯୋଗ ନେଇ ଆସୁଥିବା ଲୋକମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ, ବିନା ଲୋଭରେ ନିଷ୍ଠାବାନ ହୋଇ ସେବା ଯୋଗାଇ ଦେବାକୁ ଜିଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି।




ଜିଲାପାଳଙ୍କ ଉପସ୍ଥିତିରେ ଶପଥପାଠ କରାଯାଉଛି।

# ଫେରିଛି 'ତେଲିଙ୍ଗି ବାଜା' ଚମକ

- ■କଳାକାରଙ୍କ ପାଇଁ ପାର୍ବଣ ଆଣିଛି ସୁଯୋଗ
- ■ଶୁଭ କାମରେ ସାଜିଛି ପରମ୍ପରାର ପ୍ରତୀକ

ଢେଙ୍କାନାଳ ଅଫିସ, ୩୧।୧୦



କଳାକାରମାନେ ତେଲିଙ୍ଗି ବାଦ୍ୟ ପରିବେଷଣ କରୁଛନ୍ତି।

ପର୍ବପର୍ବାଣି ହେଉ କି ଯାନିଯାତ୍ରା, ଅଥବା ବିବାହବ୍ରତ ଭଳି ମାଙ୍ଗଳିକ କାର୍ଯ୍ୟ ଏକଦା ସବୁଥିରେ ଖୋଜା ପଡୁଥିଲା 'ତେଲିଙ୍ଗି ବାଜା'। ତୂରୀ, ମୃଦଙ୍ଗ, ଝାଞ୍ଜର ଯୁଗଳବନ୍ଦୀରେ ସୃଷ୍ଟି ହେଉଥିଲା ମନୋମୁଗ୍ଧକର ପରିବେଶ। ସମୟ ବଦଳିଲା। ଆଧୁନିକତାର ପରିପାଟୀ ଆଗରେ ଧିମେଇ ଗଲା ଏହାର ସ୍ୱର। ହେଲେ ଗତ କିଛିବର୍ଷ ହେଲା ପୁଣି ଫେରିଛି 'ତେଲିଙ୍ଗି ବାଜା'ର ଚମକ। ବିଶେଷ କରି ପାର୍ବଣ ଋତୁରେ ପୂଜା ପ୍ରତିଷ୍ଠାନଗୁଡ଼ିକର ପ୍ରୋତ୍ସାହନରେ ଏହି ପାରମ୍ପରିକ ବାଦ୍ୟ ପାଇଛି ନୂଆ ଜୀବନ। ଏହାକୁ ପୁଞ୍ଜି କରି ବଞ୍ଚୁଥିବା ବାଦ୍ୟକାରମାନେ ଭଲ ଦୁଇ ପଇସା ରୋଜଗାର ମଧ୍ୟ କରିପାରୁଛନ୍ତି।

ଏବେ ଡିଜିଟାଲ ଯୁଗ। ବଦଳିଛି ଜୀବନଶୈଳୀ। ପୋଷାକ ପରିଚ୍ଛଦ, ଖାଦ୍ୟପେୟ, ନୃତ୍ୟଗୀତ ସବୁକିଛିରେ ବାରି ହୋଇପଡୁଛି ଆଧୁନିକତାର ଛୁଙ୍କ୍। ଜୀବନକୁ ଭିନ୍ନ ଢଙ୍ଗରେ ଜିଇବା ଆରମ୍ଭ କରିଛନ୍ତି ଯୁବପିଢ଼ି। ବଡ଼ ବଡ଼ ରେଷ୍ଟୁରାଣ୍ଟ, ତାରକା ହୋଟେଲରେ ହଲିଉଡ୍ ରିମିକ୍ସ ଗୀତରେ ମତୁଆଲା ହେଉଛନ୍ତି ସେମାନେ। ଏସବୁ ଭିତରେ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପାରମ୍ପରିକ ଲୋକନୃତ୍ୟ, ଲୋକସଙ୍ଗୀତ, ଲୋକବାଦ୍ୟ ଊଣା ଅଧିକେ ପ୍ରଭାବିତ ହେଉଛି। ହେଲେ ପୃଷ୍ଠପୋଷକତା ମିଳିଲେ ଓଡ଼ିଶାର ପ୍ରାଚୀନ ଲୋକସଂସ୍କୃତି ପୁନର୍ଜୀବିତ ହୋଇପାରିବ, ଯାହା ଦେଖିବାକୁ ମିଳିଛି 'ତେଲିଙ୍ଗି ବାଜା'ରୁ।

ଢେଙ୍କାନାଳର ଗଣପର୍ବ ସମୟରେ ଗଣେଶ ବଜାର ପୂଜା ପ୍ରତିଷ୍ଠାନ କମ୍ପି ଉଠିଥିଲା 'ତେଲିଙ୍ଗି ବାଜା'ର ମନମତାଣିଆ ସ୍ୱରରେ। ଯାଜପୁର ଜିଲା ତେନ୍ତୁଳିମାଳ ଅଞ୍ଚଳର ମୂଳନିବାସୀ ତଥା କଟକ କାଠଗଡ଼ା ସାହିରେ ରହୁଥିବା ବିରଜା କ୍ଷେତ୍ର ତେଲିଙ୍ଗି ବାଦ୍ୟର କଳାକାର ମାଷ୍ଟର ଭୀମସେନ ନାୟକ ଏବଂ ସାଥୀ ଚମତ୍କାର ଢଙ୍ଗରେ ବଜାଇଥିଲେ ତେଲିଙ୍ଗି ବାଜା। ତୂରୀ, ମୃଦଙ୍ଗ, ଝାଞ୍ଜର ଯୁଗଳବନ୍ଦୀ ସାଙ୍ଗକୁ ନୂଆ ପୁରୁଣା ଗୀତ ସୃଷ୍ଟି କରିଥିଲା ଆଧ୍ୟାତ୍ମିକ ପରିବେଶ। କେବଳ ବୟସ୍କ ନୁହନ୍ତି, ପୂଜା ବୁଲିବା ପାଇଁ ଆସିଥିବା ଶ୍ରଦ୍ଧାଳୁମାନେ ମଧ୍ୟ କଳାକାରଙ୍କ ବାଦ୍ୟ ପରିବେଷଣକୁ ଭୂରିଭୂରି ପ୍ରଶଂସା କରିଥିଲେ।

ଏ ସଂକ୍ରାନ୍ତରେ ମାଷ୍ଟର ଭୀମସେନ କୁହନ୍ତି, ଏହା ତାଙ୍କର କୌଳିକ ବୃତ୍ତି। ତାଙ୍କ ପୂର୍ବଜମାନେ ଏହାକୁ ବଜାଉଥିଲେ। ମାଙ୍ଗଳିକ କାର୍ଯ୍ୟ, ଶକ୍ତି ଆରାଧନା, ଶୋଭାଯାତ୍ରା, ଯଜ୍ଞାନୁଷ୍ଠାନରେ ତେଲିଙ୍ଗି ବାଦ୍ୟକୁ ପ୍ରାଥମିକତା ଦିଆଯାଉଥିଲା। ଏବେ ବି ଓଡ଼ିଶାର ପୁରପଲ୍ଲୀଠାରୁ ଆରମ୍ଭ କରି ସହରରେ ତେଲିଙ୍ଗି ବାଦ୍ୟର ଆଦର ରହିଛି। ପ୍ରତିବର୍ଷ ଲକ୍ଷ୍ମୀପୂଜାରେ ଗଣେଶ ବଜାର ପୂଜା ପ୍ରତିଷ୍ଠାନରେ ସକାଳେ ଓ ରାତିରେ ଦୁଇଥର ତେଲିଙ୍ଗି ବାଦ୍ୟ ବାଜିବା ପରମ୍ପରା ରହିଛି। ଏହା କଳାକାରଙ୍କୁ ଉତ୍ସାହିତ କରିବା ସହ ତେଲିଙ୍ଗି ବାଜା ପରମ୍ପରାକୁ ବଞ୍ଚାଇ ରଖିବାରେ ସହାୟତା କରୁଛି। ଏ ସଂକ୍ରାନ୍ତରେ ଗଣେଶ ବଜାର ପୂଜା କମିଟି ସମ୍ପାଦକ ବିଶ୍ୱନାଥ ବେହେରା କୁହନ୍ତି, ଓଡ଼ିଆ ସଂସ୍କୃତିରେ ପ୍ରତି ଶୁଭକାମରେ ତେଲିଙ୍ଗି ବାଦ୍ୟ ବାଜିବା ପରମ୍ପରାର ପ୍ରତୀକ ପାଲଟିଛି। ଦୀର୍ଘବର୍ଷ ହେବ ଆମ ପୂଜା ମଣ୍ଡପରେ ଏହି ବାଜା ବାଜିଥାଏ। ଏହାର ଚମତ୍କାର ସ୍ୱର ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥାଏ।

## ସଂକ୍ଷେପରେ

### ଅଙ୍ଗନୱାଡି ସହାୟିକା ନିଯୁକ୍ତିକୁ ବିରୋଧ କରି ରାସ୍ତାରୋକୋ

**ଆଠମଲ୍ଲିକ,୩୧।୧୦(ଡି.ଏନ.ଏ.):** ଅଙ୍ଗନୱାଡି ସହାୟିକା ନିଯୁକ୍ତିକୁ ବିରୋଧ କରି ଆଠମଲ୍ଲିକ ବ୍ଲକ କିଆକଟା ପଞ୍ଚାୟତ କୁନ୍ଦନାଳୀ ଗ୍ରାମବାସୀ ସୋମବାର ରାସ୍ତାରୋକୋ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ କିଛିଦିନ ହେଲା ଅଙ୍ଗନୱାଡ଼ି ସହାୟିକା ନିଯୁକ୍ତିକୁ ନେଇ ଗ୍ରାମରେ ଅସନ୍ତୋଷ ଲାଗି ରହିଥିଲା। ଜଣୈକା ମହିଳାଙ୍କୁ ସହାୟିକା ପଦବୀରେ ନିଯୁକ୍ତି ଦିଆଯାଇଥିବାବେଳେ ବିପକ୍ଷ ଗୋଷ୍ଠୀ ରାସ୍ତାରୋକୋ କରିଥିଲେ। ଖବରପାଇ ତହସିଲଦାର ଯଶୋବନ୍ତ ଦେହୁରୀ, ଥାନା ଆଇଆଇସି ନିରୋଦ କୁମାର ଦାସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

### ୭ ଫେରାର ଅଭିଯୁକ୍ତ ଗିରଫ

**କଣିହାଁ,୩୧।୧୦(ଡି.ଏନ.ଏ.):** କୋର୍ଟ ପକ୍ଷରୁ ଜାରି ଗିରଫ ପରୱାନା ଆଧାରରେ କଣିହାଁ ଥାନା ପୋଲିସ ୭ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ଥାନା ସୂଚନାରୁ ଜଣାଯାଏ, ବିଭିନ୍ନ ମାମଲାକୁ ନେଇ ତାଳଚେର ଏସ୍‌ଡିଜିଏମ୍ କୋର୍ଟରେ ହାଜର ହେବା ପାଇଁ ଅଭିଯୁକ୍ତଙ୍କୁ ସମନ ଜାରି କରାଯାଇଥିଲା। ତେବେ ସେମାନେ ହାଜର ନ ହେବାରୁ କୋର୍ଟ ଗିରଫ ପରୱାନା ଜାରି କରିଥିଲେ। ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗକୁ ଭିତ୍ତିକରି ଦୁର୍ଗାପୁର ଗ୍ରାମର ବିଭୂତି ବିଶ୍ୱାଳ, ହତ୍ୟାକାଣ୍ଡ ମାମଲାରେ ସମ୍ପୃକ୍ତ ଥିବା ଦୁର୍ଗାପୁର ଗ୍ରାମର ପ୍ରକାଶ ଚନ୍ଦ୍ର ସାହୁ, ଶରତ ଚନ୍ଦ୍ର ବେହେରା, ହରେଶ ଚନ୍ଦ୍ର ବେହେରା ଗିରଫ ହୋଇଛନ୍ତି। ସେହିପରି ଜମିବାଡ଼ି ସମ୍ପର୍କିତ ମାମଲାରେ ସାନତ୍ରିବିଡା ଗ୍ରାମର ମାଗୁଣି ବିଶ୍ୱାଳ, କୁଶ ବିଶ୍ୱାଳ, ନବ ବିଶ୍ୱାଳଙ୍କୁ ଗିରଫ କରାଯାଇଥିବା କଣିହାଁ ଥାନା ଆଇଆଇସି କିଶୋର ଚନ୍ଦ୍ର ସାମଲ ସୂଚନା ଦେଇଛନ୍ତି।

### ନିଷିଦ୍ଧ ରାସ୍ତାରେ ଭାରିଯାନ ଚଳାଚଳ, ୧୩ ଟ୍ରକ୍ ଜବତ

**କଣିହାଁ,୩୧।୧୦(ଡି.ଏନ.ଏ.)** ନିଷିଦ୍ଧ ରାସ୍ତାରେ ଭାରିଯାନ ଚଳାଚଳ କରିବା ଅଭିଯୋଗରେ କଣିହାଁ ବ୍ଲକ ସମଲ ଥାନା ପୋଲିସ ଚଢ଼ାଉ କରି ରବିବାର ୧୩ ଟ୍ରକ୍ ଜବତ କରିଛି। ଗୋଡ଼ିବନ୍ଧଠାରୁ ସମଲ ବ୍ୟାରେଜ କଲୋନୀ ଦେଇ ବଲାଙ୍ଗୀ ରାସ୍ତା ଓ ଥାନା ଅଞ୍ଚଳର ଅନ୍ୟାନ୍ୟ ରାସ୍ତାରେ ଭାରିଯାନ ଯାତାୟତ ବାରଣ କରାଯାଇଛି। ତେବେ ପରିବହନ ଖର୍ଚ୍ଚ କମ୍ କମାଇବା ଲାଗି ଭାରିଯାନଗୁଡ଼ିକ ରଙ୍ଗରୁଟ୍‌ରେ ପରିବହନ କରୁଛନ୍ତି। ଫଳରେ ଜନସାଧାରଣ ସମସ୍ୟାର ସମ୍ମୁଖୀନ ହେବା ସହ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଏଭଳି ଅଭିଯୋଗ ଆସିବା ପରେ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା।ଜବତ ଟ୍ରକରୁ ତାଳଚେର ପରିବହନ ବିଭାଗ ୯୩ ହଜାର ୩୮୦ ଟଙ୍କା ଜରିମାନା ଆଦାୟ କରିଥିବା ଜଣାପଡିଛି। ବେଆଇନ ରୁଟରେ ଅନୁମତି ନ ଥାଇ ଚଳାଚଳ କରୁଥିବା ଯାନବାହନ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସମଲ ଥାନା ଆଇଆଇସି ଯାଜ୍ଞସେନୀ ପ୍ରଧାନ ସୂଚନା ଦେଇଛନ୍ତି।

# କାର୍ତ୍ତିକେଶ୍ୱର ପୂଜାରେ କମ୍ପିବ ବଇଣ୍ଡା

**ଶେଷ ପର୍ଯ୍ୟାୟରେ ପହଞ୍ଚିଛି ପାର୍ବଣ। ମା’ ଦୁର୍ଗା, ଲକ୍ଷ୍ମୀ, କାଳୀଙ୍କ ପରେ ପାର୍ବତୀ ପୁତ୍ର କାର୍ତ୍ତିକେଶ୍ୱରଙ୍କ ପୂଜା ପାଇଁ ଆରମ୍ଭ ହେଲାଣି ସଜବାଜ। ଏହାକୁ ନେଇ ଚଳଚଞ୍ଚଳ ହୋଇଉଠିଛି ଅନୁଗୋଳ ଜିଲା କିଶୋରନଗର ବ୍ଲକର ବଇଣ୍ଡା ଅଞ୍ଚଳ। ଚଳିତବର୍ଷ ପୂଜା ୬୩ବର୍ଷରେ ପହଞ୍ଚିଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ସାଜିବ ମୁଖ୍ୟ ଆକର୍ଷଣ। ଦୁଇବର୍ଷ ପରେ ଜାକଜମକର ସହ ହେଉଥିବା ପୂଜାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବା ସମ୍ଭାବନା ଥିବାବେଳେ ସମସ୍ତ କାର୍ଯ୍ୟକ୍ରମ ଯେପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ, ସେଥିଲାଗି ଦିନରାତି ଏକ୍ କରିଦେଇଛନ୍ତି ଗ୍ରାମବାସୀ।**



- ୩ରେ କଳସ ଯାତ୍ରା, ୪ରେ ଆବାହନ
- ଦୈନିକ ୩୦୦ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ
- ୩୦୦୦ ଲୋକଙ୍କ ପାଇଁ ରାଜଭୋଗ

**ବଇଣ୍ଡା, ୩୧।୧୦(ଡି.ଏନ୍.ଏ.)**

ବଇଣ୍ଡାର ଐତିହ୍ୟସମ୍ପନ୍ନ କାର୍ତ୍ତିକେଶ୍ୱର ପୂଜା କେବଳ ଅନୁଗୋଳ ନୁହେଁ, ରାଜ୍ୟରେ ସୃଷ୍ଟି କରିଛି ସ୍ୱତନ୍ତ୍ର ସ୍ଥାନ। ପୂଜାକୁ ମଝିରେ ମାତ୍ର ତିନିଦିନ ଥିବାବେଳେ ଗ୍ରାମବାସୀଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ, ମେଲୋଡ଼ି, ପ୍ରସାଦ ସେବନ ଚଳିତବର୍ଷର ମୁଖ୍ୟ ଆକର୍ଷଣ ସାଜିବାକୁ ଥିବାବେଳେ ଏହାକୁ ନେଇ ଚଳଚଞ୍ଚଳ ହୋଇଉଠିଛି ପରିବେଶ।

ପୂଜା କମିଟିର ସୂଚନା ଅନୁଯାୟୀ, ଆସନ୍ତା ୪ ତାରିଖଠାରୁ କାର୍ତ୍ତିକେଶ୍ୱରଙ୍କ ପୂଜା ଆରମ୍ଭ ହେବ। ଏଥିପୂର୍ବରୁ ୩ ତାରିଖରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ସମ୍ବଲପୁର ଅଞ୍ଚଳରୁ ମେଲୋଡି ଗ୍ରୁପ୍‌କୁ ଆମନ୍ତ୍ରଣ କରାଯାଇଛି। ସେହିପରି ଅଞ୍ଚଳର କୁନି କଳାକାରଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତାର ଆୟୋଜନ କରାଯିବ। ଏହାକୁ ବାଦ୍‌ଦେଲେ ଦୈନିକ ୩୦୦ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯିବ। ପୂଜା ମଧ୍ୟରେ ଗୋଟିଏ ଦିନ ୩୦୦୦ ଲୋକଙ୍କ ପଇଁ ରାଜଭୋଗ କରାଯିବ। ୯ ତାରିଖରେ ଆକର୍ଷଣୀୟ ଶୋଭାଯାତ୍ରାରେ ଠାକୁରଙ୍କୁ ମେଲାଣି ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ୧୯୫୯ରେ ବଇଣ୍ଡାର ପୂର୍ବତନ ସରପଞ୍ଚ ତ୍ରିଲୋଚନ ସାହୁଙ୍କ ନେତୃତ୍ୱ ଏବଂ ସଙ୍ଗଠକ ପ୍ରଭୁଦୟାଲ ଅଗ୍ରୱାଲ, ଭାବଗ୍ରାହୀ ସାହୁ, ସୁଧାକର ଶଙ୍ଖାରୀ, ସନାତନ ସାହୁ, ଅନୁକୂଳିଆ ସାହୁ, ଅନିରୁଦ୍ଧ ବେହେରା, ଗୋବିନ୍ଦ ବେହେରା, ଆନନ୍ଦମୁଣ୍ଡା ଗ୍ରାମର ନାରାୟଣ ପ୍ରଧାନ, ଧନେଶ୍ୱର ପ୍ରଧାନ, ରସାନନ୍ଦ ପ୍ରଧାନ, ପଦ୍ମନାଭ ପ୍ରଧାନ, କଦଳୀମୁଣ୍ଡା ଗ୍ରାମର ଇନ୍ଦ୍ରମଣି ପ୍ରଧାନ, ଡେବେରାପାଲି ଗ୍ରାମର ଭିକାରୀ ମିଶ୍ରଙ୍କ ସହଯୋଗରେ ଆରମ୍ଭ ହୋଇଥିଲା ପ୍ରଭୁ କାର୍ତ୍ତିକେଶ୍ୱରଙ୍କ ପୂଜା। ଉକ୍ତ ସମୟରେ ଗ୍ରାମର ବହୁ କଳାକାରଙ୍କୁ ନେଇ ଡ୍ରାମାର ଆୟୋଜନ କରାଯାଉଥିବାବେଳେ ଏଭଳି ଏକ ପୂଜା କରିବାକୁ ଚିନ୍ତା କରିଥିଲେ ତ୍ରିଲୋଚନ। ମାତ୍ର ୧୦ ହଜାର ଟଙ୍କାରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ୩ ଲକ୍ଷ ଟଙ୍କାରେ ପହଞ୍ଚିଛି। ସ୍ଥାନୀୟ କାରିଗର କାଳିଆ ସାହୁ, ନାରାୟଣ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୭ ଫୁଟ ଉଚ୍ଚତାର ମୂର୍ତ୍ତି ନିର୍ମାଣ କରାଯାଉଛି। ଏଥିସହ ୧୫ ଫୁଟ ଉଚ୍ଚତାର ସିନେରି ସହ ମେଢ଼ ଶୋଭା ପାଇବ। ପୂଜାକୁ ସଫଳ କରିବାକୁ ବଇଣ୍ଡା ଗ୍ରାମବାସୀ, ବଇଣ୍ଡା ବିକାଶ ପରିଷଦର କର୍ମକର୍ତ୍ତା ଏକଜୁଟ ହୋଇ ଲାଗିପଡ଼ିଛନ୍ତି।

### ସଫଳ କରିବାକୁ ଉଦ୍ୟମ ଚାଲିଛି



ଆରମ୍ଭରୁ କାର୍ତ୍ତିକେଶ୍ୱର ପୂଜା ବିଛା ସଂକ୍ରାନ୍ତିରେ ଅନୁଷ୍ଠିତ ହେଉଥିଲା। ଏବେ ପଞ୍ଚୁକରୁ ପୂଜା ଆରମ୍ଭ ହେଉଛି। ସମସ୍ତଙ୍କ ସହଯୋଗରେ ଏହାକୁ ସଫଳ କରିବା ପାଇଁ ଉଦ୍ୟମ ଚାଲିଛି।

-ତ୍ରିଲୋଚନ ସାହୁ, ପୂଜାର ପୁରୋଧା

### ଚଳିତବର୍ଷ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ



ଦୀର୍ଘବର୍ଷ ହେଲା ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ପୂଜା ଆୟୋଜନ କରାଯାଉଛି। ଚଳିତବର୍ଷ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ କରାଯିବା ପାଇଁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

-ବିନୀତ ଶାହା, କୋଷାଧକ୍ଷ

### ଚଳିତବର୍ଷ ୩ ଲକ୍ଷ ଟଙ୍କାର ବଜେଟ



୧୦ ହଜାର ଟଙ୍କାରୁ ଆରମ୍ଭ ହୋଇଥିବା ପୂଜା ଚଳିତବର୍ଷ ୩ ଲକ୍ଷ ଟଙ୍କାରେ ପହଞ୍ଚିଛି। ପୂଜାକୁ କିଭଳି ଧୁମ୍‌ଧାମ୍‌ରେ କରାଯିବ ସେ ନେଇ ବ୍ୟାପକ ପ୍ରସ୍ତୁତି କରାଯାଉଛି।

-ରଞ୍ଜନ ବେହେରା, ସମ୍ପାଦକ

### କୁନି କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ



କାର୍ତ୍ତିକେଶ୍ୱରଙ୍କ ପୂଜାରେ ମେଲୋଡି ସହ ସ୍ଥାନୀୟ ଅଞ୍ଚଳର କୁନି କୁନି କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଶାନ୍ତିଶୃଙ୍ଖଳା ପ୍ରତି ଗୁରୁତ୍ୱ ଦିଆଯାଉଛି।

-ଜିତେନ୍ଦ୍ର ବେହେରା, ସଭାପତି

# ଏକତା ଦିବସରେ ସାଇକେଲ ଶୋଭାଯାତ୍ରା

**ଅନୁଗୋଳ ଅଫିସ,୩୧।୧୦**

ଖଳାରୀ ଗ୍ରାମର ରାମେଶ୍ୱର ୟୁଥ୍ କ୍ଲବ ଏବଂ ନେହେରୁ ଯୁବକେନ୍ଦ୍ର ଅନୁଗୋଳ ମିଳିତ ଆନୁକୂଲ୍ୟରେ ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସୋମବାର ସକାଳୁ ଅନୁଗୋଳ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ଏକ ବିଶାଳ ସାଇକେଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବାପରେ ଖଳାରୀସ୍ଥିତ ମା’ ରଙ୍ଗେଇ ମନ୍ଦିର ନିକଟରେ ପହଞ୍ଚିଥିଲା। ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅନୁଗୋଳ ଜିଲା କ୍ରିକେଟ୍ ସଂଘ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ଏହାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ନେହେରୁ ଯୁବକେନ୍ଦ୍ର ଯୁବ ସଂଯୋଜକ ପ୍ରଦୀପ କୁମାର, ଅବସରପ୍ରାପ୍ତ ବରିଷ୍ଠ ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ଦାସ, ଉତ୍କଳ ସମ୍ମିଳନୀର ଜିଲା ସମ୍ପାଦକ ଇଂ. ଧନେଶ୍ୱର ସାହୁ, ସାମାଜିକ କର୍ମୀ ଅଜୟ ଭାଇ, ଖଳାରୀ ପଞ୍ଚାୟତ ସମିତି ସଭ୍ୟ ରାକେଶ ନନ୍ଦ, ଆନ୍ତର୍ଜାତିକ କ୍ରୀଡାବିତ୍ ପ୍ରକାଶ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ଏବଂ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲାର ବିଭିନ୍ନ ସ୍କୁଲର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ରାମେଶ୍ୱର ୟୁଥ୍ କ୍ଲବ ସଭାପତି ଶୁଭ୍ରାଂଶୁ ଶେଖର ସାହୁ, ସମ୍ପାଦକ ସୁଶୀଲ ସାହୁ, ଅଭିଜିତ୍ ସାହୁ, ରାକେଶ ରଞ୍ଜନ ସାହୁ, ବିଭୀଷଣ ସାହୁ, ସୁଦର୍ଶନ ସାହୁ, ବାଦଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଲିପିକା ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଚାଇଲ୍ଡ ଲାଇନ ସଦସ୍ୟ ଦିଗ୍‌ବିଜୟ ସାହୁ, ଇମ୍ପାକ୍ଟ ଟିଉଟୋରିଆଲ୍ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।



ମୁଖ୍ୟଅତିଥି ପତାକା ଦେଖାଇ ସାଇକେଲ ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି।



ରେମୁଆଁ ବସ୍ତି ଉନ୍ନୟନ ସଂଘର କାର୍ଯ୍ୟକର୍ତ୍ତାମାନେ ଲିଙ୍ଗରାଜ କ୍ଷେତ୍ର ମହାପ୍ରବନ୍ଧକଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ଲିଙ୍ଗରାଜ ଜିଏମ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ

**ତାଳଚେର,୩୧।୧୦(ନି.ପ୍ର)**

ତାଳଚେର ପୌରାଞ୍ଚଳ ଅନ୍ତର୍ଗତ ରେମୁଆଁ ବସ୍ତି ଉନ୍ନୟନ ସଂଘ ତରଫରୁ ୫ ଦଫା ଦାବିପତ୍ର ସୋମବାର ଏମ୍‌ସିଏଲ୍ ଲିଙ୍ଗରାଜ କ୍ଷେତ୍ର ମହାପ୍ରବନ୍ଧକଙ୍କୁ ପ୍ରଦାନ କରାଯାଇଛି। ଖଣି ନିକଟରେ ଥିବା ଟ୍ରକ୍‌ଗୁଡ଼ିକରେ ଲୋଡ଼ିଂ ତଥା ଚଳପ୍ରଚଳ ଯୋଗୁ ଅଞ୍ଚଳରେ ପ୍ରବଳ ମାତ୍ରାରେ ଧୂଳି ଉଡ଼ି ପରିବେଶ ପ୍ରଦୂଷିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ଜଳ ସିଞ୍ଚନ କରାଯିବା ସହ ରାସ୍ତାର ଉଭୟ ପାର୍ଶ୍ୱରୁ ଧୂଳି ସଫା କରିବା, ଏମ୍‌ସିଏଲ୍ ପକ୍ଷରୁ ଗ୍ରାମରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ, ଗ୍ରାମର କିଛି ସ୍ଥାନରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ଯନ୍ତ୍ର ସ୍ଥାପନ କରିବା, ଲିଙ୍ଗରାଜ ରୋଡ୍ ଓ ରେମୁଆଁ ଅଞ୍ଚଳରେ ଆଲୋକୀକରଣ ବ୍ୟବସ୍ଥା, ଲିଙ୍ଗରାଜ ରୋଡ୍ ପାର୍ଶ୍ୱରେ ଏମ୍‌ସିଏଲ୍ ଜାଗାକୁ ଦଖଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଜବରଦଖଲ ଉଚ୍ଛେଦ, ରେମୁଆଁର ବେକାର ଯୁବକଯୁବତୀଙ୍କୁ ଅଗ୍ରାଧିକାର ଭିତ୍ତିରେ ବିଭିନ୍ନ କମ୍ପାନୀରେ ନିଯୁକ୍ତି ପ୍ରଦାନ, ଗ୍ରାମ ଶ୍ମଶାନରେ ନଳକୂପ ଖନନ, ଆଶ୍ରୟସ୍ଥଳୀ ଓ ପ୍ରାଚୀର ନିର୍ମାଣ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ରେମୁଆଁ ବସ୍ତି ଉନ୍ନୟନ ସଂଘର କାର୍ଯ୍ୟକର୍ତ୍ତା ଓ ସଦସ୍ୟାମାନେ ଲିଙ୍ଗରାଜ କ୍ଷେତ୍ର ମହାପ୍ରବନ୍ଧକ ଅଜୟ କୁମାର ଦେହୁରୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ। ମହାପ୍ରବନ୍ଧକ ଦେହୁରୀ ଦାବି ଗୁଡ଼ିକ ଉପରେ ଶୀଘ୍ର ବିଚାର କରାଯାଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଇନ୍ଦିରାଙ୍କ ସ୍ମୃତିଚାରଣ

**ଅନୁଗୋଳ ଅଫିସ,୩୧।୧୦**

ଅନୁଗୋଳ ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ କଂଗ୍ରେସ ଭବନଠାରେ ସୋମବାର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ଅମରାତ୍ମାର ସଦ୍‌ଗତି କାମନା କରାଯାଇଥିଲା। କଂଗ୍ରେସ କର୍ମୀମାନେ ତାଙ୍କ ସ୍ମୃତିଚାରଣ କରିଥିଲେ। ଦେଶକୁ ଏକ ବଳିଷ୍ଠ ଓ ସମୃଦ୍ଧ ରାଷ୍ଟ୍ର ରୂପେ ଠିଆ କରିବା ପାଇଁ ତାଙ୍କ ଅବଦାନ ଚିରଦିନ ପାଇଁ ଦେଶବାସୀଙ୍କ ହୃଦୟରେ ଲିପିବଦ୍ଧ ହୋଇ ରହିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଜିଲା କଂଗ୍ରେସ କମିଟିର କର୍ମକର୍ତ୍ତା ତପନ ପ୍ରଧାନ, ଗୋପାଳ ନାଥ, ବଲବୀର ସିଂହ, ରାକେଶ ମିଶ୍ର, ଅମୂଲ୍ୟ ବେହେରା, ପ୍ରବୋଧ ସ୍ୱାଇଁ, ଜ୍ୟୋତି ପ୍ରକାଶ ପ୍ରଧାନ, ଅଭିଷେକ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



# ଅଭିଯୁକ୍ତ ଅନାମଙ୍କୁ ଆଜୀବନ ଜେଲ


**ଅନୁଗୋଳ ଅଫିସ, ୩୧।୧୦**

### ଛବି ନାଏକଙ୍କୁ ଜାଳି ମାରିଦେବା ମାମଲା

ଅନୁଗୋଳ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ସୋମବାର ବହୁଚର୍ଚ୍ଚିତ ଛବି ନାଏକ (୧୯)ଙ୍କୁ ଜୀବନ୍ତ ପୋଡ଼ି ହତ୍ୟା କରାଯାଇଥିବା ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ପ୍ରଣବ କୁମାର ପାତ୍ର ଅଭିଯୁକ୍ତ ଅନାମ ନାଏକ (୪୨)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୪୦ ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ୧୦ ମାସ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୬ ଫେବୃୟାରୀ ୨୮ରେ ପାଲଲହଡ଼ା ଥାନା ଅନ୍ତର୍ଗତ ପିଟିସି ସନ୍ତୋଷୀ ମା’ ମନ୍ଦିର ନିକଟରେ ଏକ ଲୋମଟାଙ୍କୁରା ହତ୍ୟାକାଣ୍ଡ ଘଟିଥିଲା। ଛବି ଘରେ ଶୋଇଥିବାବେଳେ ବିଞ୍ଚିବାହଳ ନିକଟ କାଳିଆକୁଦ ସାହିର ଅନାମ ତାଙ୍କ ଘରେ ନିଆଁ ଲଗାଇଦେଇଥିଲେ। ଏଥିରେ ଛବି ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ମୃତକଙ୍କ ବାପା ଗୁରୁ ନାଏକଙ୍କ ଅଭିଯୋଗକ୍ରମେ ପାଲଲହଡ଼ା ପୋଲିସ ନଂ. ୯୫/୧୬ରେ ମାମଲା ରୁଜୁ କରି ଅନାମଙ୍କୁ ଗିରଫ କରିଥିଲା।

ଘଟଣା ଦିନ ଅପରାହ୍ନରେ ଅନାମ ନିଶାସକ୍ତ ଅବସ୍ଥାରେ ଛବିଙ୍କ ପରିବାର ସହିତ ଗଣ୍ଡଗୋଳ କରିଥିଲେ। ପରିବାର ସଦସ୍ୟଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ରାତି ପ୍ରାୟ ୮ଟାରେ ଛବି ଶୋଇଥିବା ବେଳେ ଘରର ଦୁଇପାର୍ଶ୍ୱରୁ ଅନାମ ନିଆଁ ଲଗାଇ ଦେଇଥିଲେ। ଖୁବ୍ କମ୍ ସମୟ ମଧ୍ୟରେ ନିଆଁ ବ୍ୟାପିଯିବାରୁ ଛବିଙ୍କୁ



ଉଦ୍ଧାର କରିବା ସମ୍ଭବ ହୋଇପାରି ନ ଥିଲା। ଅନ୍ୟପଟେ ଏଭଳି ଅମାନବୀୟ କାଣ୍ଡ ଘଟାଇ ଅନାମ ଫେରାର ହୋଇଯାଇଥିଲେ। ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମୋଟ ୧୩ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପବ୍ଲିକ ପ୍ରସିକ୍ୟୁଟର ପ୍ରଦୀପ କୁମାର ଦାସ ପରିଚାଳନା କରିଥିବାବେଳେ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ପ୍ରଦୀପ କୁମାର ଭୁତିଆ ଏଥିରେ ସହଯୋଗ କରିଥିଲେ।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ୍

**ଅନୁଗୋଳ ଅଫିସ, ୩୧।୧୦**

### ଛାତ୍ରୀଙ୍କୁ ବଳାତ୍କାର ଘଟଣା

ଅନୁଗୋଳ ଜିଲା ବଅଁରପାଳ ଥାନା ଅଞ୍ଚଳର ୯ମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକା ଛାତ୍ରୀ (୧୪)ଙ୍କୁ ବଳାତ୍କାର ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଅନୁଗୋଳ ଜିଲା ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟର ଆଡ୍‌ହକ୍ ଅତିରିକ୍ତ ଜିଲା ଓ ଦୌରାଜଜ୍ ପ୍ରେମ୍‌ରାଜ ବହିଦାର ମାମଲାର ବିଚାର କରି ବଅଁରପାଳର ଗୋବର୍ଦ୍ଧନ ନାଏକ ଓରଫ ଶିବ (୨୫)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା ଏବଂ ଅନାଦେୟ ଅଧିକ ଦୁଇମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ମାମଲାର ବିବରଣୀରୁ ପ୍ରକାଶ, ୨୦୨୧ ଜାନୁୟାରୀ ୧ରେ ବଅଁରପାଳ ଥାନାରେ ପୀଡ଼ିତାଙ୍କ ମାମୁ ଦ୍ୱାରସ୍ଥ ହୋଇ ଭାଣିଜୀଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ କରିଥିଲେ। ପୋଲିସ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ କରିଥିଲା। ତେବେ ନାବାଳିକାଙ୍କୁ ଶିବଙ୍କ ଘର ସମ୍ମୁଖରୁ ଉଦ୍ଧାର କରାଯାଇଥିଲା। ଏହାପରେ ପ୍ରକୃତ ରହସ୍ୟ ଉନ୍ମୋଚିତ ହୋଇଥିଲା। ନାବାଳିକାଙ୍କ ମା’ଙ୍କ ମୃତ୍ୟୁ ହୋଇଥିବାବେଳେ ବାପା ମଧ୍ୟ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ଏହାପରେ ସେ ତାଙ୍କ ମାମୁଙ୍କ ପାଖରେ ରହୁଥିଲେ। ଏହାର ସୁଯୋଗରେ ଶିବ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏହି ଘଟଣା ୨୦୧୬ରେ ଘଟିଥିଲା। ତେବେ ବିବାହ କରିବାକୁ କହିବା ପରେ ଅଭିଯୁକ୍ତ ଧରାଛୁଆଁ ଦେଇ ନ ଥିଲେ। ତେବେ ପୋଲିସ ପ୍ରଥମେ ଅପହରଣ ମାମଲା ରୁଜୁ କରିଥିବାବେଳେ ପରବର୍ତ୍ତୀ ସମୟରେ ପୀଡ଼ିତାଙ୍କ ଅଭିଯୋଗକ୍ରମେ ଏହାକୁ ବଳାତ୍କାର ମାମଲାରେ ପରିବର୍ତ୍ତନ କରାଯାଇଥିଲା। ୨୩ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ପବ୍ଲିକ ପ୍ରସିକ୍ୟୁଟର ସୁଶାନ୍ତ ମିଶ୍ର ମାମଲା ପରିଚାଳନା କରିଥିଲେ।

ଧରିତ୍ରୀ
DHARITRI
ମଙ୍ଗଳବାର, ୧ ନଭେମ୍ବର ୨୦୨୨

## ନିଶାସକ୍ତ ଯୁବକଙ୍କ ତୁମୁଳ କାଣ୍ଡ

ଅନୁଗୋଳ ଅଫିସ,୩୧।୧୦ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ସନ୍ଧ୍ୟାରେ ଜଣେ ନିଶାସକ୍ତ ଯୁବକ ଜେଲ ୱାର୍ଡର ପୋଷାକ ପରିଧାନ କରି ତୁମୁଳକାଣ୍ଡ ଘଟାଇଛନ୍ତି। ଯୁବକ ଜଣଙ୍କ ମେଡ଼ିକାଲର କର୍ମଚାରୀଙ୍କୁ ନାଲି ଆଖି ଦେଖାଇବା ସହ ସର୍ଜରି ୱାର୍ଡ଼କୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ପରେ ମେଡ଼ିକାଲ ସୁରକ୍ଷାକର୍ମୀ ଓ ସୁପରଭାଇଜର ତାଙ୍କୁ କାବୁ କରି ମେଡ଼ିକାଲ ଫାଣ୍ଡିରେ ଜିମା ଦେଇଥିଲେ। ଯୁବକଙ୍କ ତୁମୁଳକାଣ୍ଡରେ ମେଡ଼ିକାଲ କର୍ମଚାରୀ ଓ ରୋଗୀଙ୍କ ସମ୍ପର୍କୀୟ କିଛି ସମୟ ପାଇଁ ଭୟଭୀତ ହୋଇଯାଇଥିଲେ।



## ସଂକ୍ଷେପରେ

### କୁକୁଡ଼ା ପାଳନ ନିମନ୍ତେ ପ୍ରଶିକ୍ଷଣ ଶିବିର

**ମାଧପୁର,୩୧।୧୦:** ଆଠମଲ୍ଲିକ ବନଖଣ୍ଡ ଅନ୍ତର୍ଗତ ମାଧପୁର ବନାଞ୍ଚଳ ପକ୍ଷରୁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ମାଧ୍ୟମରେ ୫ଟି ବନସୁରକ୍ଷା ସମିତି ସଦସ୍ୟ ଏବଂ ଆଗ୍ରହୀ ଚାଷୀଙ୍କୁ ନେଇ ସୋମବାର କିଆକଟା ରାଜୀବ ସେବା କେନ୍ଦ୍ରଗୃହଠାରେ ଘର ଅଗଣାରେ କୁକୁଡ଼ା ପାଳନ ନିମନ୍ତେ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ବ୍ଲକ ଅଧକ୍ଷ ଦୁଃଶାସନ ରାଉଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷକ ଭାବେ ଠାକୁରଗଡ଼ ପ୍ରାଣୀ ଚିକିତ୍ସକ ଡାକ୍ତର ସାରଦା ତରାଇ, ମାଧପୁର ପ୍ରାଣୀ ଚିକିତ୍ସକ ଡାକ୍ତର ସରିତା ବେହେରା ଯୋଗଦେଇ ତାଲିମ ଦେଇଥିଲେ। ବିଷୟ ବିଶେଷଜ୍ଞ ଗିରିଜା ଶଙ୍କର ଦାସ, ମାଧପୁର ବନାଞ୍ଚଳ ସଂଯୋଜକ ଦେବାନନ୍ଦ ନାୟକ, ଅମରେଶ ପ୍ରସାଦ ଦାସ, ଫରେଷ୍ଟ ଗାର୍ଡ ମୋନାଲିସା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ହାଣ୍ଡିଆ ନ ଦେବାରୁ ବିବାହ ବନ୍ଦ

■ବୁଝାଇବାକୁ ଯାଇ ପୋଲିସ ବିଫଳ
■ନିରାଶରେ ଫେରିଆସିଲେ ବରପକ୍ଷ

**କାମାକ୍ଷାନଗର, ୩୧।୧୦(ଡି.ଏନ୍.ଏ.)**

ବନ୍ଧା ହୋଇଥିଲା ଟେଣ୍ଟ। ସଜାଯାଇଥିଲା ବେଦି। ଭାତ, ଡାଲି, ମାଂସ ତରକାରି ସବୁକିଛି ପ୍ରସ୍ତୁତ ଥିଲା। ତେବେ ହାଣ୍ଡିଆ ବ୍ୟବସ୍ଥା କରି ନ ପାରିବାରୁ ଯୁବତୀଙ୍କ ମଥାରେ ସିନ୍ଦୂର ପିନ୍ଧାଇ ପାରିଲେ ନାହିଁ ବର। ସ୍ଥାନୀୟ ଅଞ୍ଚଳରେ ପ୍ରଚଳିତ ଧରାବନ୍ଧା ନିୟମ ଆଗରେ ପୋଲିସ ବି ଅସହାୟ ପାଲଟିଗଲା। ଶେଷରେ କନ୍ୟା ବିନା ଘରକୁ ନିରାଶରେ ଫେରିଆସିଲେ ବରପକ୍ଷ। ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଜୟପୁରାକାଟେଣୀ ପଞ୍ଚାୟତ ଅନ୍ତର୍ଗତ କାଦବସନ୍ତ ଅଞ୍ଚଳରେ ସୋମବାର ଦେଖିବାକୁ ମିଳିଛି ଏଭଳି ଅଭାବନୀୟ ଘଟଣା। ସାମାନ୍ୟ ମଦ ପାଇଁ ବିବାହ ବନ୍ଦ ହୋଇଯିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି।

ପୋଲିସ ନିକଟରେ ହୋଇଥିବା ଅଭିଯୋଗ ଅନୁଯାୟୀ, କାଦବସନ୍ତ ଅଞ୍ଚଳର ଜଣେ ଯୁବକ ୮ବର୍ଷ ତଳେ ପରଜଙ୍ଗ ଥାନା କେନ୍ଦୁମୁଣ୍ଡା ଅଞ୍ଚଳର ଜଣେ ଯୁବତୀଙ୍କୁ ମନ୍ଦିରରେ ପ୍ରେମ ବିବାହ କରିଥିଲେ। ଗ୍ରାମରେ ଏଭଳି ବିବାହକୁ ଅନୁମତି ନ ଥିବାବେଳେ ଗାଁ ମୁଖିଆ ଓ ଅନ୍ୟମାନେ ଏଥିରେ ଆପତ୍ତି ଉଠାଇଥିଲେ। ପ୍ରେମ ବିବାହ କରିଥିବାରୁ ପ୍ରଥମେ ଯୁବକ ଜଣକ ଭୁଲ ମାଗିବେ ଏବଂ ଅଞ୍ଚଳରେ ପ୍ରଚଳିତ ନିୟମ ମାନିବା ପରେ ବିବାହ ହେବ ବୋଲି ସେ ରୋକ୍‌ଠୋକ ଶୁଣାଇ ଦେଇଥିଲେ। ତେଣୁ ଦୀର୍ଘ ୮ବର୍ଷ ପରେ ବି ଯୁବତୀଙ୍କୁ ପରମ୍ପରା ଅନୁଯାୟୀ ବିବାହ କରିପାରୁ ନ ଥିଲେ ସମ୍ପୃକ୍ତ ଯୁବକ। ଶେଷରେ ପରିବାର ଲୋକେ ଯୁବତୀ-ଯୁବକଙ୍କ ବିବାହ କରାଇବାକୁ ଅଣ୍ଟା ଭିଡ଼ିବା ସହ ସବୁ ଆୟୋଜନ କରିଥିଲେ। ଘରେ ବନ୍ଧୁବାନ୍ଧବଙ୍କ ଭିଡ଼ ଲାଗି ରହିଥିବାବେଳେ ବିନା ହାଣ୍ଡିଆରେ ବିବାହ ହୋଇପାରିବ ନାହିଁ ବୋଲି ଗାଁ ମୁଖିଆ କହିଥିଲେ। ତେବେ ଏଥିରେ ପୁଅଘର ଲୋକେ ଅକ୍ଷମତା ପ୍ରକାଶ କରିଥିଲେ। ବହୁ ଅନୁରୋଧ ସତ୍ତ୍ୱେ ଗାଁ ମୁଖିଆଙ୍କୁ ମନାଇବାରେ ସେମାନେ ବିଫଳ ହୋଇଥିଲେ। ଶେଷରେ କାମାକ୍ଷାନଗର ପୋଲିସର ଦ୍ୱାରସ୍ଥ ହୋଇଥିଲେ। ତେବେ ପୋଲିସ କର୍ମଚାରୀ ପହଞ୍ଚି ବୁଝାଶୁଝା କରିବା ସତ୍ତ୍ୱେ ସମାଧାନର ବାଟ ବାହାରି ନ ଥିଲା। ଏଥିରେ ବରପକ୍ଷ ନିରାଶ ହୋଇଥିବା ବେଳେ ଭୋଜି ଫିକା ପଡ଼ିଛି।

ଏ ନେଇ ଆଇଆଇସି ଶରତ ଚନ୍ଦ୍ର ମହାଳିକ କୁହନ୍ତି, ଅଭିଯୋଗ ପାଇବା ପରେ ଗ୍ରାମକୁ ଯାଇ ବୁଝାଶୁଝା କରିଥିଲୁ। କିନ୍ତୁ ସେମାନେ ମାନି ନ ଥିଲେ। ଏହା ଏକ ଅନ୍ଧବିଶ୍ୱାସ। ହେଲେ ପ୍ରଚଳିତ ପରମ୍ପରାରେ ହସ୍ତକ୍ଷେପ କରିହେବ ନାହିଁ ବୋଲି ଆଇଆଇସି କହିଛନ୍ତି।

## ଝରକା ଭାଙ୍ଗି ବ୍ୟାଙ୍କ ଲୁଟ୍

**ରୂପସା, ୩୧।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିଂଲା ଥାନା ଭାରତୀୟ ଷ୍ଟେଟବ୍ୟାଙ୍କ୍ କାଣ୍ଡଗାଁ ଶାଖାରୁ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ବ୍ୟାଙ୍କ ପଛପଟ ଝରକା ଭାଙ୍ଗି ରବିବାର ରାତିରେ ଦୁର୍ବୃତ୍ତମାନେ ଟଙ୍କା ଓ ବିଭିନ୍ନ ସରଞ୍ଜାମ ଲୁଟ୍ କରି ଚମ୍ପଟ ମାରିଥିଲେ। ତେବେ କେତେ ଟଙ୍କା ଲୁଟ୍ ହୋଇଛି ତାହା ଠିକ୍ ଭାବେ ଜଣା ପଡ଼ି ନ ଥିବା ବେଳେ ସିଂଲା ଥାନା ପୋଲିସ ଅଭିଯୋଗ ପାଇ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ତେବେ ଲଗାତାର ଭାବେ ସିଂଲା ଥାନା ଅଞ୍ଚଳରେ ବାରମ୍ବାର ଚୋରି, ଏଟିଏମ୍ ଲୁଟ ହେଉଥିବା ବେଳେ ପୁଣି ବ୍ୟାଙ୍କ୍ ଲୁଟ୍ ଘଟଣା ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛି ଦିନ ପୂର୍ବରୁ ଦିନ ଦ୍ୱିପ୍ରହରରେ ମାରଣାସ୍ତ୍ର ଦେଖାଇ ବରୁଣଗଡ଼ିଆ ବ୍ୟାଙ୍କ୍ ଅଫ ବରୋଦା ଓ ଶ୍ରୀରାମପୁର ଭାରତୀୟ ଷ୍ଟେଟବ୍ୟାଙ୍କରୁ ବଡ଼ଧରଣର ଲୁଟ୍ ହୋଇଥିଲା। ସେହିପରି ବିଳମ୍ବିତ ରାତିରେ ମୁକୁଲୁସି ଷ୍ଟେଟବ୍ୟାଙ୍କରୁ ଚୋରି ହୋଇଥିଲା। ହେଲେ ଲୁଟେରାମାନଙ୍କୁ ଧରିବାରେ ପୋଲିସ ବିଫଳ ହେଇଥିବାରୁ ସାଧାରଣରେ ଅସନ୍ତୋଷ ଲାଗି ରହିଛି।

# ଖଣିରୁ କୋଇଲା ପରିବହନରେ ସ୍ଥାନୀୟ ଡ୍ରାଇଭରଙ୍କୁ ନିଯୁକ୍ତି ଦାବି



ବୈଠକରେ ଡ୍ରାଇଭର ମହାସଂଘର କର୍ମକର୍ତ୍ତା।

**ଛେଣ୍ଡିପଦା, ୩୧।୧୦(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ବରପଦା, ରାଇଝରଣ, କୋରଡ଼ା ପଞ୍ଚାୟତ ସୀମାନ୍ତ ଗ୍ରାମରୁ କୋଇଲା ଉତ୍ତୋଳନ ଲାଗି ନାଲ୍‌କୋକୁ ଉତ୍କଳ 'ଡି' ଓ 'ଇ' କୋଲ ବ୍ଲକ୍ ମିଳିଛି। ମୈତ୍ରୀ କମ୍ପାନୀ ସହାୟତାରେ ଯୁଦ୍ଧକାଳୀନଭିତ୍ତିରେ କୋଇଲା ଉତ୍ତୋଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ତେବେ କୋଇଲା ପରିବହନ କାର୍ଯ୍ୟରେ ବିସ୍ଥାପିତ ତଥା ବ୍ଲକ ଅଞ୍ଚଳର ଡ୍ରାଇଭରଙ୍କୁ ନିୟୋଜିତ କରିବା ଲାଗି ଛେଣ୍ଡିପଦା ବ୍ଲକ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏ ନେଇ ସୋମବାର କୋଶଳାସ୍ଥିତ ମା' ରାମଚଣ୍ଡୀ ପୀଠ ନିକଟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଛେଣ୍ଡିପଦା ବ୍ଲକ ଓଡ଼ିଶା ଡ୍ରାଇଭର ମହାସଂଘର ସମସ୍ତ ଡ୍ରାଇଭର ଓ ଅପରେଟରଙ୍କୁ ପ୍ରଥମେ ନିଯୁକ୍ତି ଦେବାକୁ ଦାବି କରାଯାଇଥିଲା। ଏଥିରେ ବ୍ୟତିକ୍ରମ ହେଲେ ମୈତ୍ରୀ କମ୍ପାନୀର ପ୍ରତି କାର୍ଯ୍ୟକୁ ବିରୋଧ କରାଯିବ ବୋଲି ଡ୍ରାଇଭର ମହାସଂଘ ପକ୍ଷରୁ ଲିଖିତ ଭାବେ ଚେତାବନୀ ଦିଆଯାଇଛି। ବୈଠକରେ ଛେଣ୍ଡିପଦା ବ୍ଲକ ଓଡ଼ିଶା ଡ୍ରାଇଭର ମହାସଂଘ ସଭାପତି ରୀତେଶ କୁମାର ସାହୁ, ଉପସଭାପତି ସୁରଥ ସାହୁ, ସମ୍ପାଦକ ନୀଳମଣି ବେହେରା, ସହ ସମ୍ପାଦକ ପ୍ରଶାନ୍ତ ବେହେରା, କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ବେହେରା, ଉପଦେଷ୍ଟା ବସନ୍ତ ସାହୁଙ୍କ ନେତୃତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା।

# ଅନୁଦାନର ସଦ୍‌ବିନିଯୋଗ ଉପରେ ଗୁରୁତ୍ୱ

**ବଇଣ୍ଡା, ୩୧।୧୦(ଡି.ଏନ୍.ଏ.)**

ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୋମବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଏନଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, ଉପଜିଲାପାଳ ତରଣୀ ସୁନା, ବିଡିଓ ସୌଭାଗ୍ୟ ବେହେରା, ଉପଖଣ୍ଡ ଚିକିତ୍ସା ଅଧିକାରୀ ସୁନୀଲ ପଣ୍ଡା, ପୂର୍ତ୍ତ ବିଭାଗ ଏସ୍‌ଡିଓ ଫକୀର ସାହୁଙ୍କ ସମେତ ବହୁ ପଦାଧିକାରୀ ଯୋଗ ଦେଇଥିଲେ। ୨୦୨୨-୨୩ ଲାଗି ବଜେଟ ପ୍ରସ୍ତୁତ ସହ ପୂର୍ବ ବୈଠକରେ ହୋଇଥିବା ନିଷ୍ପତ୍ତି କାର୍ଯ୍ୟକାରିତାର ଅଗ୍ରଗତି ବିଷୟରେ ସମୀକ୍ଷା କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଆସୁଥିବା ସରକାରୀ ଅନୁଦାନ କିଭଳି ଠିକ୍ ବାଟରେ ଖର୍ଚ୍ଚ ହେବ, ସେ ଦିଗରେ ଅଧିକାରୀମାନେ ଯତ୍ନବାନ ହେବାକୁ ବିଧାୟକ ପରାମର୍ଶ ଦେଇଥିଲେ।




ବୈଠକରେ ବିଧାୟକଙ୍କ ସମେତ ଅନ୍ୟମାନେ।

# ଡେରଜାଙ୍ଗ ଡ୍ୟାମ୍‌ରେ ସଫେଇ ଅଭିଯାନ ଆରମ୍ଭ




ଡେରଜାଙ୍ଗ ଜଳଭଣ୍ଡାର ପାର୍ଶ୍ୱରୁ ସଫେଇ କରାଯାଉଛି।

**ଅନୁଗୋଳ ଅଫିସ,୩୧।୧୦**

ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୪୭ ତମ ଜୟନ୍ତୀ ତଥା ଜାତୀୟ ଏକତା ଦିବସ ଉପଲକ୍ଷେ ଅନୁଗୋଳ ନେହେରୁ ଯୁବକେନ୍ଦ୍ର ଏବଂ ସାଥୀ ପରିବାର ମିଳିତ ଆନୁକୂଲ୍ୟରେ ଡେରଜାଙ୍ଗ ଜଳଭଣ୍ଡାରରେ ସଫେଇ ଅଭିଯାନ ଆରମ୍ଭ ହୋଇଛି। ଜଳଭଣ୍ଡାର ବାହାର ଏବଂ ଭିତର ପାର୍ଶ୍ୱ ଆବର୍ଜନାରେ ଭର୍ତ୍ତି ହୋଇଛି। ପାଣିରେ ପ୍ଲାଷ୍ଟିକ ବୋତଲ, ଜରି, ପ୍ଲାଷ୍ଟିକ ଥଳି ପଡିବା ଯୋଗୁ ସୌନ୍ଦର୍ଯ୍ୟ ହାନି ହେଉଛି। ପ୍ରଦୂଷଣ ମଧ ବଢ଼ିବାରେ ଲାଗିଛି। ଜଳଭଣ୍ଡାର ସୁରକ୍ଷା ଜରୁରୀ ହୋଇପଡ଼ିଥିବାବେଳେ 'ନିର୍ମଳ ଡେରଜାଙ୍ଗ ଜଳଭଣ୍ଡାର ଅଭିଯାନ' ଆରମ୍ଭ ହୋଇଛି। ପ୍ରଥମ ଦିନରେ ଅନୁଗୋଳ ନେହେରୁ ଯୁବ କେନ୍ଦ୍ର ଏବଂ ସାଥୀ ପରିବାର ଅନୁଷ୍ଠାନର ସଦସ୍ୟଙ୍କ ଦ୍ୱାରା ଜଳଭଣ୍ଡାରର ଭିତରପାର୍ଶ୍ୱରୁ ସମୁଦାୟ ୩୦ କିଲୋଗ୍ରାମ ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ କରାଯାଇଥିଲା। ଏହି ଅଭିଯାନ ଆଗାମୀ ଦୁଇ ମାସ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ପରବର୍ତ୍ତୀ ସମୟରେ ଜିଲା ପ୍ରଶାସନ ସହାୟତାରେ ଡେରଜାଙ୍ଗ ଜଳଭଣ୍ଡାରକୁ ସ୍ୱଚ୍ଛ ରଖିବା ପାଇଁ ଜନ ସଚେତନତା ସୃଷ୍ଟି କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

# ଲୌହଖଣିରେ ଦୁର୍ଘଟଣା, ଶ୍ରମିକଙ୍କ ହାତ କଟିଲା

**ଯୋଡ଼ା,୩୧।୧୦(ଡି.ଏନ.ଏ)**

କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳ ଅନ୍ତର୍ଗତ ଗୁରୁଡ଼ି ସ୍ଥିତ ଜିଲିଙ୍ଗ ଲଙ୍ଗାଲୋଟା ଲୌହ ଖଣିରେ ସୋମବାର ଦୁର୍ଘଟଣା ଘଟିଛି। କାର୍ଯ୍ୟରତ ଜଣେ ଶ୍ରମିକର ଡାହାଣ ହାତଟି କଟି ଯାଇଛି। ଶ୍ରମିକ ଜଣଙ୍କ ଢେଙ୍କାନାଳର ଜିଲାର ରଞ୍ଜନ ବିଶ୍ୱାଳ। ଖବର ନେବାରୁ ଜଣାପଡ଼ିଛି ଯେ, ଉକ୍ତ ଖଣିରେ ଲାଗିଥିବା କ୍ରସ୍‌ର ପ୍ଲାଣ୍ଟରେ ରଞ୍ଜନ କାର୍ଯ୍ୟ କରୁଥିବା ବେଳେ ଅସାବଧାନତା ଯୋଗୁଁ ହାତ କନଭେୟର ବେଲ୍ଟରେ ପଶିଯାଇଥିଲା। ଫଳରେ ତାଙ୍କର ଡାହାଣ ହାତଟି କାନ୍ଧ ନିକଟରୁ କଟି ଅଲଗା ହୋଇଯାଇଥିଲା। ତାଙ୍କୁ ଯୋଡ଼ାସ୍ଥିତ ଟାଟା ଷ୍ଟିଲ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ଡାକ୍ତରଖାନାକୁ ପଠାଯାଇଥିବା ଜଣାପଡ଼ିଛି।

# ୪ କି.ମି. ଗଣଦୌଡ଼

**ଢେଙ୍କାନାଳ ଅଫିସ, ୩୧।୧୦**

ଢେଙ୍କାନାଳ ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ସଦର ବ୍ଲକ ବାଲ୍ୟାମ୍ବାଠାରେ ରନ୍ ଫର ୟୁନିଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ୪ କିମି ବିଶିଷ୍ଟ ମାରାଥନ ଦୌଡ଼ରେ ବହୁ ସଂଖ୍ୟାରେ ଯୁବକ ସାମିଲ ହୋଇଥିଲେ। ନେହେରୁ ଯୁବକେନ୍ଦ୍ର ଡେପୁଟି ଡାଇରେକ୍ଟର ଅଶୋକ ଦାଶ, ସାଂସ୍କୃତିକ ବିକାଶ କେନ୍ଦ୍ର ସଭାପତି ସୌମ୍ୟାଶ୍ରୀ ମିଶ୍ର, ଶଶାଙ୍କ ଶେଖର ମହାପାତ୍ର ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ନେହେରୁ ଯୁବକେନ୍ଦ୍ରର କାର୍ଯ୍ୟକର୍ତ୍ତା।

# ଗୋରୁ ବୋଝେଇ ଭ୍ୟାନ୍ ଜବତ, ୩ ଗିରଫ

**ରୂପସା, ୩୧।୧୦(ଡି.ଏନ.ଏ.)**

ବାଲେଶ୍ୱର ୬୦ ନଂ. ଜାତୀୟ ରାଜପଥର ବସ୍ତା ଥାନା ଅଧୀନ ନଳବାହାର ଛକ ନିକଟରେ ପୋଲିସ ସୋମବାର ଚଢ଼ାଉ କରି ୨ଟି ଗୋରୁ ବୋଝେଇ ଭ୍ୟାନ୍ ଜବତ କରିଛି। ଏଥିସହ ୩ ବ୍ୟବସାୟୀଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜଗତସିଂହପୁର ଥାନା ଉହଳା ଅଞ୍ଚଳର ଦୁଇ ଭାଇ ମିର୍ଜା ଜାବିଦ ବେଗ ଓ ମିର୍ଜା ଜୁବେର ବେଗ, ରମ୍ଭାଦେଇପୁର ଗ୍ରାମର ଅଭିଜିତ ଜେନା। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ. ୨୭୬/୨୨) ରୁଜୁ ହୋଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ରାଜପଥ ଦେଇ ଭ୍ୟାନ(ନଂ. ଓଡ଼ି୦୫ବିଏଫ୍-୧୨୯୧ ଓ ଓଡ଼ି୦୫ବିଏଫ୍-୧୯୦୫) ଯୋଗେ ୬ଟି ଗୋରୁ ବୋଝେଇ ହୋଇ ବେଆଇନ ଭାବେ ପଶ୍ଚିମବଙ୍ଗକୁ ଚୋରାଚାଲାଣ ହେଉଥିଲା। ଖବରପାଇ ଆଇଆଇସି ବାରିଣୀ ଦାସଙ୍କ ନେତୃତ୍ୱରେ ଏଏସ୍‌ଆଇ କମଳାକାନ୍ତ ନାୟକ ସଦଳବଳେ ଚଢ଼ାଉ କରି ସବୁ ଗୋରୁଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲେ। ଉଦ୍ଧାର ଗୋରୁଙ୍କୁ ରେମୁଣାସ୍ଥିତ ଗୋଶାଳାରେ ଛଡ଼ାଯାଇଛି।

# ଏକତା ଦିବସରେ ଏକତା ଦୌଡ଼

**ଢେଙ୍କାନାଳ ଅଫିସ, ୩୧।୧୦**

ଢେଙ୍କାନାଳ କେନ୍ଦ୍ରୀୟ ବିଦ୍ୟାଳୟରେ ସୋମବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅଧକ୍ଷ ଅକ୍ଷୟ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଏକତା ଦୌଡ଼ ଆୟୋଜନ କରାଯାଇଥିଲା। ଏଥିରେ ବିଦ୍ୟାର୍ଥୀ, ଅଧ୍ୟାପିକା ଅଧ୍ୟାପକ ଓ ଅଭିଭାବକମାନେ ସାମିଲ ହୋଇଥିଲେ। ଏଥିସହ ସର୍ଦ୍ଦାର ପଟେଲଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଶିକ୍ଷକ-ଅଭିଭାବକ ସଂଘର ସୁନୀଲ କୁମାର ଦାଶ, ଦେବସ୍ମିତା ଦାସ, ଲକ୍ଷ୍ମୀ ଗିରି, ଦିଲୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ସ୍ମିତା ଶତପଥୀ ଧନ୍ୟବାଦ ଦେଇଥିବା। ସମସ୍ତ ଅଧ୍ୟାପିକା ଅଧ୍ୟାପକ ପରିଚାଳନାରେ ସହଯୋଗ କରିଥିଲେ।




ଦୌଡ଼ରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

# ମୃତ ଶିଶୁଙ୍କ ପରିବାରକୁ ଧମକ

### ଆମ୍ବୁଲାନ୍ସ ରଖି ମୂଲଚାଲ ଘଟଣା

**ଅନୁଗୋଳ ଅଫିସ, ୩୧।୧୦**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରୁ କଟକ ଶିଶୁ ଭବନକୁ ସଙ୍କଟାପନ୍ନ ଅବସ୍ଥାରେ ଜଣେ ନବଜାତକକୁ ସ୍ଥାନାନ୍ତର କରାଯିବା ବେଳେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ଲାଞ୍ଚ ମାଗିବା ଏବଂ ବାରମ୍ବାର ଗାଡ଼ି ଅଟକାଇବାରୁ ଶିଶୁ ଜୀବନ ଚାଲିଯିବା ଅଭିଯୋଗ ଆସିବା ପରେ ଏହାକୁ ନେଇ ତୁମ୍ବିତୋଫାନ ଉଠିଛି। ଏଭଳି ଦାୟିତ୍ୱହୀନ କାର୍ଯ୍ୟ କରିଥିବା ଆମ୍ବୁଲାନ୍ସ ଡ୍ରାଇଭର ଏବଂ ସହାୟକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ତେବେ ସେମାନେ ଦୋଷ ସ୍ୱୀକାର କରିବା ବଦଳରେ ଏବେ ଫୋନ୍‌ରେ ଧମକଚମକ ଦେଉଥିବା ମୃତ ଶିଶୁଙ୍କ ବାପା ତଥା ଜରପଡ଼ା ଥାନା ଅନ୍ତର୍ଗତ ଟାଇଁସି ହିଞ୍ଜିଡ଼ୋଲ ଗ୍ରାମର ସଞ୍ଜୟ ପ୍ରଧାନ ଅଭିଯୋଗ କରିଛନ୍ତି।

ଆମ ନାମରେ ଅଭିଯୋଗ କରିଛ। ପରିସ୍ଥିତି ଭଲ ହେବ ନାହିଁ। ଆମ ନାମରେ ତୁମେ ସମସ୍ତଙ୍କୁ କହୁଛ। ଆମ ବିରୋଧରେ ଯଦି କୌଣସି କାର୍ଯ୍ୟାନୁଷ୍ଠାନ ହୁଏ, ତେବେ ସେଥିପାଇଁ ତୁମେ ଦାୟୀ ହେବ ବୋଲି ସମ୍ପୃକ୍ତ ୧୦୮ କର୍ମଚାରୀ ଧମକ ଦେଉଥିବା ସଞ୍ଜୟ କହିଛନ୍ତି। ସେ ଆହୁରି କହିଛନ୍ତି, ତାଙ୍କ ସ୍ତ୍ରୀ ମମତା ଏବେ ବି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ରହିଛି। ସେମାନେ କେତେବେଳେ କ'ଣ କରିବେ ବୋଲି କହୁଛନ୍ତି। ଏହାକୁ ନେ ଭୟଭୀତ ହୋଇପଡ଼ିଥିବା ସଞ୍ଜୟ ଗଣମାଧ୍ୟମକୁ କହିଛନ୍ତି। ଅନ୍ୟପକ୍ଷରେ ୧୦୮ ଆମ୍ବୁଲାନ୍ସ କାର୍ଯ୍ୟାଳୟରେ ଏ ନେଇ ଅଭିଯୋଗ ହୋଇଥିଲେ ମଧ୍ୟ ଲିଖିତ ଭାବେ ତଦନ୍ତ କରିବାକୁ କୌଣସି ସୂଚନା ଆସିନାହିଁ। ଫଳରେ ଘଟଣାର ତଦନ୍ତ କରାଯାଇ ପାରୁ ନ ଥିବା ଅନୁଗୋଳ ଜିଲା ଦାୟିତ୍ୱରେ ଥିବା ୧୦୮ କ୍ଲଷ୍ଟର ମ୍ୟାନେଜର ତ୍ରିନାଥ ବିଶ୍ୱାଳ କହିଛନ୍ତି।

ସୂଚନାଯୋଗ୍ୟ, ଗତ ଶନିବାର ଅପରାହ୍ନରେ ଅନୁଗୋଳ ଜିଲା ଚିକିତ୍ସାଳୟରେ ମମତା ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ନବଜାତକର ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବାରୁ ତାଙ୍କୁ କଟକ ଶିଶୁ ଭବନକୁ ସ୍ଥାନାନ୍ତର କରାଯାଇଥିଲା। ପରିବାର ଲୋକ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିବା ପରେ ଗାଡ଼ି (ନଂ. ଓଡ଼ି ୦୨ ବିଜେ ୯୭୩୧) ଆସି ପହଞ୍ଚିଥିଲା। ତେବେ କଟକ ଯିବା ପୂର୍ବରୁ ଚା' ପାଣି ଖର୍ଚ୍ଚ ବାବଦକୁ ଆମ୍ବୁଲାନ୍ସ କର୍ମଚାରୀମାନେ ୩୦୦ ଟଙ୍କା ନେଇଥିଲେ। ଏହାପରେ ରାସ୍ତାରେ ୩ ସ୍ଥାନରେ ଗାଡ଼ି ଅଟକାଇଥିଲେ। ଏଭଳି କି ଆଠଗଡ଼ ନିକଟରେ ଗାଡ଼ି ରଖି ୧,୦୦୦ ଟଙ୍କା ମାଗିଥିଲେ। ସରକାରୀ ବ୍ୟବସ୍ଥାରେ ଅର୍ଥ କାରବାର ହେଉ ନ ଥିବା କଥା ସଞ୍ଜୟଙ୍କ ସମ୍ପର୍କୀୟ ସୁବାସ ଚନ୍ଦ୍ର ସାହୁ ବାରଣ କରିଥିଲେ। ଫଳରେ ଗାଡ଼ିର ଗତି ଧିମା ହୋଇଯାଇଥିଲା। ଶିଶୁ ଭବନରେ ପହଞ୍ଚିବାରେ ବିଳମ୍ବ ହେବାରୁ ନବଜାତକକୁ ବଞ୍ଚାଇବା କାଠିକର ହୋଇପଡ଼ିଥିଲା।

# ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ଲାଗୁ ଦାବି




ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ କାର୍ଯ୍ୟକର୍ତ୍ତାବୃନ୍ଦ।

### ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟକାରିଣୀ ବୈଠକ

**ଢେଙ୍କାନାଳ ଅଫିସ, ୩୧।୧୦**

ଢେଙ୍କାନାଳ ମହିଷାପାଟସ୍ଥିତ ରେଙ୍ଗାଳି ଗେଷ୍ଟ ହାଉସ୍‌ରେ ଜିଲା ନୂତନ ପେନ୍‌ସନ୍‌ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ଏକ କାର୍ଯ୍ୟକାରିଣୀ ବୈଠକ ସଭାପତି ନିରାକାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରିବା ପାଇଁ ଦାବି କରାଯାଇଛି।

ନୂତନ ପେନ୍‌ସନ ବ୍ୟବସ୍ଥା ଅନୁଯାୟୀ ଜଣେ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ୧୫ରୁ ୨୦ବର୍ଷ ସେବା ପ୍ରଦାନ କରି ମଧ ମାତ୍ର ୬୦୦ ଟଙ୍କାରୁ ୧,୮୦୦ ଟଙ୍କା ପେନ୍‌ସନ୍ ପାଉଛନ୍ତି। ଏଥିରେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ଓଡ଼ିଶା ସରକାର ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ପ୍ରକ୍ରିୟାରୁ ନୂତନ ପେନ୍‌ସନ୍‌ଭୁକ୍ତ ପ୍ରାଥମିକ ଶିକ୍ଷକଙ୍କୁ ବାଦ୍ ଦେଇଛନ୍ତି, ଯାହାକୁ ନେଇ କ୍ଷୋଭ ପ୍ରକାଶ ପାଇଥିଲା। ତେଣୁ ୨୦୦୧ ମସିହାଠାରୁ ନିଯୁକ୍ତି ପାଇ ନିୟମିତ ହୋଇଥିବା ସମସ୍ତ ଚୁକ୍ତିଭିତ୍ତିକ ପ୍ରାଥମିକ ଶିକ୍ଷକଙ୍କୁ ଚାକିରିରେ ଯୋଗଦାନଠାରୁ ନିୟମିତ ହାରରେ ବେତନ, ଭତ୍ତା, ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରିବା ପାଇଁ ସଂଘର କର୍ମକର୍ତ୍ତାମାନେ ଦାବି କରିଛନ୍ତି। ସରକାର ଦାବିକୁ ଉପେକ୍ଷା କଲେ ଆସନ୍ତା ନଭେମ୍ବର ୧୯ରେ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଜିଲାସ୍ତରରେ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

ଏହି ଅବସରରେ ସଂଘର ନୂତନ ସଭାପତି ଭାବେ ନିରାକାର ବେହେରା, କାର୍ଯ୍ୟକାରୀ ସଭାପତି ଭାବେ ଅଜୟ ସ୍ୱାଇଁ, ସନ୍ଦୀପ ନାୟକ, ଦୁର୍ଗାପ୍ରସାଦ ତ୍ରିପାଠୀ, ବିରଞ୍ଚି ନାରାୟଣ ସାମଲ, ଉପସଭାପତି ଶିବପ୍ରସାଦ ମିଶ୍ର, ବିଷ୍ଣୁ ପ୍ରସାଦ ଦାସ, ସମ୍ପାଦକ ପ୍ରଶାନ୍ତ ନାଥ, ମହାସଚିବ ବୈରାଗୀ ଚରଣ ସେଠୀ, ସାଙ୍ଗଠନିକ ସମ୍ପାଦକ ମହେଶ୍ୱର ପ୍ରଧାନ, ଯୁଗ୍ମ ସମ୍ପାଦକ ଛାୟା ପ୍ରକାଶ ବେହେରା, କୋଷାଧ୍ୟକ୍ଷ ବିକାଶ ଚନ୍ଦ୍ର ଜେନା, ମିଡିଆ ସଂଯୋଜକ ଭାବେ ବିଷ୍ଣୁ କୁମାର ମଲ୍ଲିକ ମନୋନୀତ ହୋଇଛନ୍ତି। ବୈଠକରେ ୮ ବ୍ଲକର କର୍ମକର୍ତ୍ତା ଯୋଗଦେଇଥିଲେ।

